ସର୍ବସାଧାରଣ
sarbasadharana

13th Feb 2020

# ଆଇଆଇଟିର ପ୍ରତିଷ୍ଠା ଦିବସ ପାଳିତ



||ପ୍ରଭା ନ୍ୟୁଜ୍|| **କଟଣୀ,୧୨।୨ :** କଟଣୀ ଅରଗୁଳସ୍ଥିତ ଆଇଆଇଟିର ୧୨ତମ ପ୍ରତିଷ୍ଠା ଦିବସ ଏହାର ଅଧକ୍ଷ ପ୍ରଫେସର ଆର.ଭି.ରାଜକୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ରପ୍ରଦେଶର ମହାମାନ୍ୟ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ସମ୍ମାନିତ ଅତିଥି ଭାବେ ଓଡିଶା ସ୍କିଲ ଡେଭଲପମେଣ୍ଟ ଅଥରିଟିର ଅଧକ୍ଷ ସୁବ୍ରତ ବାଗଚି ଯୋଗଦେଇଥିଲେ। ଆଇଆଇଟିର ଅଧକ୍ଷ ସ୍ୱାଗତ ଭାଷଣରେ ଅନୁଷ୍ଠାନର ବିକାଶ ବିଷୟରେ କହିଥିଲେ। ମହାମହିମ ରାଜ୍ୟପାଳ ସଂସ୍ଥାନର ଅଧକ୍ଷଙ୍କୁ ତାଙ୍କର ଉତ୍ତମ ନେତୃତ୍ୱ ଓ ଅନୁଷ୍ଠାନର ଭବିଷ୍ୟତ ରୂପରେଖ ପାଇଁ ପ୍ରଶଂସା କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଓ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆଇଆଇଟିର ଡିନ ପ୍ରଫେସର ଆର.କେ. ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟୁଡେଣ୍ଟ ଆଫେୟାର ଡିନ ପ୍ରଫେସର ଭି.ଆର. ପେଡିରେଡ୍ଡୀ, ରେଜିଷ୍ଟ୍ରାର ସୁବୋଧ କୁମାର ଓ ଷ୍ଟୁଡେଣ୍ଟ ଜିମଖାନା ସଭାପତି ଡ. ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।